# ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର
## ଦୀର୍ଘ ମିଆଦି ଲିଜ୍ ନିଲାମ୍ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୨୨୨ ତାରିଖ ୧୪.୨.୨୦୨୧

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସ ଗୁଡିକର ଦୀର୍ଘମିଆଦି ଲିଜସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା – ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.in ରେ ଉପଲବ୍ଧ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣ କରି ତତ ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନ କରି ଜଉମୁଦା ଲଫାଫାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରୀ ଡାକଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ତହସିଲଦାର, ସୋନପୁର

Tahasildar
Sonepur

Scanned by CamScanner

## ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର

### ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା 723 ତାରିଖ 14.2.2021

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକବର୍ଷ ଠାରୁ ୨୦୨୪-୨୫ ଆର୍ଥିକବର୍ଷ ପର୍ଯ୍ୟନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ (O.M.M.C. Rules, 2016) ଦ୍ୱାରା ପ୍ରଣୀତ Form-M ପୂରଣ କରି ସେ ସହିତ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଉପଯୁକ୍ତ ଲଫାଫାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରୀ ଡାକ ମାଧ୍ୟମରେ ଆବେଦନ କରି ପାରିବେ (ଲଫାଫା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ) । ଧାର୍ଯ୍ୟ ତାରିଖର ପୂର୍ବଦିନ (୧୫.୦୩.୨୦୨୧) ଅପରାହ୍ନ ଘ.୫.୦୦ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର ସମସ୍ତ, କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର, ସୋନପୁରଙ୍କ ରହିଅଛି ।

**ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ :**

୧. ଦରଖାସ୍ତ ପାଉଣା ବାବଦ ଟ.୧୦୦୦ ଙ୍କାର ଟ୍ରେଜେରୀ ଚାଲାଣ (ଅଣ-ଫେରସ୍ତ) ରାଶି ର ଟ୍ରେଜରୀ ଚାଲାଣ ଦାଖଲ କରିବେ । [Demand No. "0853-Non-Ferrous Mining & Metallurgical industries102-Mineral Concession, fees, Rents & Royalities 0217-Receipt under Orisa Minor Minerals Concession Fees (New) 02021- Collection of Fees, Rents & Royalities (New)".

୨. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦୀର ସଂପୂର୍ଣ୍ଣ ବିବରଣୀ ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଂଲଗ୍ନ କରିବେ ।

୩. Solvency Certificate/ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସାୟରତ ଉତ୍ସ ର ବାର୍ଷିକ ମୂଲ୍ୟ ର [MGQ x (Royalty + Additional Charges)] ଠାରୁ ଅଧିକ ହୋଇଥିବ ।

୪. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା – ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

୫. ଦରଖାସ୍ତକାରୀ ନିଜ ସପକ୍ଷରେ କୌଣସି ବକେୟା ପାଉଣା (ଲଘୁ ଖଣିଜ ଦ୍ରବ୍ୟ ସମ୍ବନ୍ଧୀୟ) ନଥିବାର ଶପଥ ପାଠ (Affidavit) ଦାଖଲ କରିବେ ।

୬. ଦରଖାସ୍ତ ସହିତ ଅମାନତ ରାଶି ବାବଦ କୁ ଉକ୍ତ ସୈରତ ଉତ୍ସ ର ମୋଟ ବାର୍ଷିକ ଦେୟ ର ପାଞ୍ଚ ପ୍ରତିଶତ (୫%) ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ତହସିଲଦାର, ସୋନପୁରଙ୍କ ନାମରେ (Payble at Sonepur) ପ୍ରଦାନ କରିବେ । [ EMD i.e. 5% of MGQ X (Royalty + Additonal Charges)].

Scanned by CamScanner

୭. ଆୟ କର ସମ୍ପର୍କିତ ନିକାସି ପ୍ରମାଣପତ୍ର ( Income – Tax Clearance Certificate ) କିମ୍ବା last assessment year ର IT return ର ନକଲ ଦାଖଲ କରିବେ ।

୮. ଦରଖାସ୍ତକାରୀ ଆଧାର କାର୍ଡ , ପାନ କାର୍ଡ ର ନକଲ ଦାଖଲ କରିବେ ।

**ବିଶେଷ ସର୍ତ୍ତାବଳୀ :**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିଯମାବଳୀ, ୨୦୧୬ (O.M.M.C. Ruls, 2016) ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିଯମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (ଯାହାକି ପ୍ରଚଳିତ ରୟାଲିଟିର ୫ % ଅଥବା ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ ଦ୍ୱାରା ଅନୁମୋଦିତ ପରିମାଣରୁ ଅଧିକ ହୋଇଥିବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି, ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି; ତାହାହେଲେ ଲଟେରୀ ମାଧମରେ ଲିଜଧାରୀ ଚୟନ କରାଯିବ ।

୩. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର ୭ ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କରିବେ ।

୪. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଦିଷ୍ଟ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପଇଠ କରିବେ । ସଂପୂର୍ଣ୍ଣ ପଇଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ, ୧୯୦୮ ଓ ଷ୍ଟାମ୍ପ ଆକ୍ଟ, ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ।

୫. ଯଦି, ସର୍ବୋଚ୍ଚ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହାହେଲେ, ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୬. ଯଦି, ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ, ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୭. ନିଲାମଧାରୀମାନେ O.M.M.C. Rules, 2016 ରେ ଥିବା ନିୟମ 27 ର 1 ରୁ 17 ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୮. ଲିଜଧାରୀ ଜମା ରୟାଲିଟିର ୨% ଅର୍ଥ ଆୟକର ବାବଦକୁ ଏବଂ ୫% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମାକରିବେ ।

୯. ଦରଖାସ୍ତକାରୀ Mines & Minerals (Dev- & Regulation) Act, 1957 ଏବଂ Explosive Act, 1984 ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୦. ଦରଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

Scanned by CamScanner

୧୧. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ Mining Plan ଏବଂ Environment Clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି, ଲିଜ ପ୍ରଦାନକାରୀ (ତହସିଲଦାର) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ, ପରବର୍ତ୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

୧୨. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୂତ ପରିମାଣର (Annual Minimum Guaranteed Quantity) ମୋଟ ରୟାଲିଟି/ ଅତିରିକ୍ତ ରୟାଲିଟି/ Dist- Mineral Fund/ State Mineral Fund ବାବଦ ଦେୟ ର ମୋଟ ପରିମାଣର ୨୫% ରୁ E.M.D. ଦାଖଲ ହୋଇଥିବା ଅର୍ଥକୁ କାଟି ବାକି ଅର୍ଥ ସୁଧ ବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପଇଠ କରିବା ପାଇଁ ବାଧ୍ୟ । ଯଦି, ଏହି ହିସାବ ହୋଇନପାରେ, ତେବେ, ଲିଜ ପ୍ରଦାନକାରୀ ଅଧିକାରୀ ଅଥବା ତହସିଲଦାର ଧାର୍ଯ୍ୟ କରିଥିବା ଅର୍ଥରାଶି (ବିନା ସୁଧରେ) ଦାଖଲ କରିବେ । ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ଟ.୧୦,୦୦୦ଙ୍କା ଅମାନତ ରୂପେ ଜମା କରିବେ । (ଦ୍ରଷ୍ଟବ୍ୟ ନିୟମ ୪୨)

୧୩. ଲିଜ ନିମନ୍ତେ ଚୟନ ହୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ O.M.M.C. Rule, 2016 ରେ ଥିବା N ଫର୍ମରେ ରାଜିନାମା କରିବା ପାଇଁ ବାଧ୍ୟ । ଚୟନ ପ୍ରକ୍ରିୟା ପରେ ତିନି ମାସ ମଧ୍ୟରେ ଲିଜଧାରୀ ଅନୁମୋଦନ ପ୍ରାପ୍ତ Mining Plan ଏବଂ Environment Clearance କାର୍ଯ୍ୟାଳୟରେ ଦାଖଲ କରିବେ । ନଚେତ ତାଙ୍କର ଲିଜ ଅନୁମୋଦନ ବ୍ୟାଜପ୍ତି କରାଯିବ ଏବଂ ଜମା କରିଥିବା ଅମାନତ ରାଶି ବ୍ୟାଜପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।

୧୪. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜଧାରୀ ଲିଜ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ, ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବ୍ୟାଜପ୍ତ କରାଯିବ ।

୧୫. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ଲିଜକୁ ନାକଚ କରିପାରିବେ ।

୧୬. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି। ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜିନାମା ଲିଜଧାରୀଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ଲିଜ ପରିଚାଳନା କରିପାରିବେ ।

୧୭. ଚୟନ ହୋଇଥିବା ସମସ୍ତ ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ, ୨୦୧୬ (O.M.M.C. Rules, 2016) ର ଧାରା ୨୭, ୨୮, ୨୯, ୩୦, ୩୧, ୩୨ ଏବଂ ୩୩ ର ସମସ୍ତ ଉପଧାରା ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୮. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀମାନେ ବର୍ଦ୍ଧିତ ଧାରାରେ ରୟାଲିଟି ପଇଠ କରିବା ପାଇଁ ବାଧ୍ୟ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଓ ତୃତୀୟ ଥର ପାଇଁ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ପ୍ରଥମ ଥର ଯେଉଁ ଉତ୍ସ ପାଇଁ ଯୋଗ୍ୟ ଲିଜଧାରୀ ଚୟନ କରାଯାଇ ପାରିବନାହିଁ ସେହି ଉତ୍ସ ଦ୍ୱିତୀୟ ଥର ପାଇଁ ତା ୨୪.୦୩.୨୦୨୧ଏବଂ ତୃତୀୟ ଥର ପାଇଁ ତା ୦୬.୦୪.୨୦୨୧(ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ) ଦରଖାସ୍ତ ଗ୍ରହଣ କରାଯିବ ଏବଂ ଯଥାକ୍ରମେ ତତ ପରଦିନ ଗୁଡିକରେ ଦିବା ୧୧.୦୦

Scanned by CamScanner

ଘଟିକାରେ ସମୟରେ ଏହି କାର୍ଯ୍ୟାଳୟରେ ଜଉମୁଦାଦିଆ ବାକ୍ସ ଖୋଲାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ସୈରାତ ଉତ୍ସ ଓ ନିଲାମ ସମନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.subarnapur.nic.in ରେ ଉପଲବ୍ଧ ରହିଅଛି । ଯଦି, ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ, ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାର, ସୋନପୁରଙ୍କ ରହିଅଛି । ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି । ନିଲାମ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସ ର ସଂପୂର୍ଣ୍ଣ ବିବରଣୀ ଏଠି ସହିତ ସଂଲଗ୍ନ କରାଯାଇଅଛି ।

**ନିଲାମ ସ୍ଥାନ – ତହସିଲ କାର୍ଯ୍ୟାଳୟ, ସୋନପୁର**

**ଧାର୍ଯ୍ୟ ତାରିଖ ଓ ସମୟ ପ୍ରଥମ ଥର - ତା. ୧୬.୦୩.୨୦୨୧ଦିବା ୧୧.୦୦ ଘଟିକା**

**ଧାର୍ଯ୍ୟ ତାରିଖ ଓ ସମୟ ଦ୍ୱିତୀୟ ଥର - ତା. ୨୫.୦୩.୨୦୨୧ଦିବା ୧୧.୦୦ ଘଟିକା**

**ଧାର୍ଯ୍ୟ ତାରିଖ ଓ ସମୟ ତୃତୀୟ ଥର - ତା. ୦୭.୦୪.୨୦୨୧ଦିବା ୧୧.୦୦ ଘଟିକା**

ତହସିଲଦାର, ସୋନପୁର
Tahasildar Sonepur

ଜ୍ଞାପକ ସଂଖ୍ୟା ୨୨୪ ତାରିଖ ୧୫.୨.୨୦୨୧

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳ, ସୁବର୍ଣ୍ଣପୁର/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସୁବର୍ଣ୍ଣପୁର/ ଉପ-ଜିଲ୍ଲାପାଳ, ସୋନପୁର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋନପୁର / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା, ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି/ ଗ୍ରାମ୍ୟ ନିର୍ମାଣ/ ଜନସ୍ୱାସ୍ଥ୍ୟ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ/ ନିର୍ବାହୀ ଅଧିକାରୀ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି, ସୋନପୁର, ସରପଞ୍ଚ ଛକୋରମାଳ/ ଖରଝୁରା, ସୋନପୁର ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶିତ କରିବା ନିମନ୍ତେ ପ୍ରେରଣ କରାଗଲା । ଏକକିତା ନକଲ ଏହି କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ତହସିଲଦାର, ସୋନପୁର
Tahasildar Sonepur

ଜ୍ଞାପକ ସଂଖ୍ୟା ୨୨୫ ତାରିଖ ୧୫.୨.୨୦୨୧

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲା ବୈଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର, ସୁବର୍ଣ୍ଣପୁର ଙ୍କ ନିକଟକୁ ଜିଲ୍ଲା ୱେବସାଇଟ www.subarnapur.nic.in ଜରିଆରେ ପ୍ରସାରିତ କରିବା ସକାଶେ ପ୍ରେରଣ କରାଗଲା ।

ତହସିଲଦାର, ସୋନପୁର
Tahasildar Sonepur

Scanned by CamScanner

## ସୋନପୁର ତହସିଲ ଅଧୀନରେ ଥିବା ଲଘୁ ଖଣି ଗୁଡିକର ସଂପୂର୍ଣ୍ଣ ବିବରଣୀ

| କ୍ରି. ସଂଖ୍ୟା | ମୌଜା ଓ ଉତ୍ସର ନାମ | କେଶ୍ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ରକବା | ରୟାଲିଟି ଦେୟ ଘ. ମି. ପ୍ରତି | ନିମ୍ନତମ ଅତିରିକ୍ତ ଦେୟ | ନିମ୍ନତମ ବାର୍ଷିକ ଉଠାଣ ଘ ମି. | EMD ଅଗ୍ରୀମ ଦାଖଲ କରିବା ଅମାନତ ରାଶିର ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|
| ୧ | ବହିରଖମନ ପଥର ଖାଦାନ | ୫୨/୨୦୨୦ | ୨୫୫ | ୧୮୪୧, ୧୮୪୨, ୧୮୪୬, ୧୮୫୭, ୧୮୫୮ ଏବଂ ୧୮୯୭ | ପଥର ବଣି | ଏ.୧.୬୭୦ | ଟ. ୧୩୦.୦୦ | ଟ.୧୩. ୦୦ | ୧୫୦୦ | ୧୦୬୨୫ |
| ୨ | ଡବଲଙ୍ଗ ପଥର ଖାଦାନ | ୫୩/୨୦୨୦ | ୩୭୪ | ୧୯୪୨, ୧୭୦୯ | ପଥର ଚଟାଣ | ଏ ୨.୨୭୦ | ଟ. ୧୩୦.୦୦ | ଟ.୧୩. ୦୦ | ୨୦୦୦ | ୧୪୩୦୦ |
| ୩ | ଛକୋରମାଳ (ଢ) ମୋରୁମ ଖାଦାନ | ୯୮/୨୦୧୯ | ୧ | ୮ | ପଥର ଚଟାଣ | ଏ. ୫.୦୦୦ | ଟ. ୩୫.୦୦ | ଟ. ୪.୦୦ | ୨୦୦୦ | ୩୯୦୦ |

ତହସିଲଦାର, ସୋନପୁର
Tahasildar
Sonepur

Scanned by CamScanner

# FORM – M
## Application for grant of Quarry Lease
[*See* rule 27(4)]

To

..........................................................................................................

Dated the 20

Sir,

1. I/We submit an application for a quarry lease for..............(mineral) for a term of ..................... years over.............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at.............and a receipted challan bearing No.......... dated.......is enclosed.
3. The required particulars are given below:-
    i) An affidavit stating that no mining due payable under the Act and Rules made there under is outstanding against the applicant.
    ii) Where land belongs to private persons, consent of all such persons for grant of quarry lease.
    iii) Solvency certificate and list of immovable property from the Revenue Authority.
4. (i) Name and address of the applicant.....................................................
    (ii) Nationality of the applicant..........................................................
    (iii) Profession of the applicant...........................................................
    (iv) Particulars of the areas, mineral wise, within the State for which the applicant or any person having joint interest with him.................................................
        a) Already holds a quarry lease.................................................
        b) Has already applied for a quarry lease but not granted ..........................
        c) Being applied for simultaneously...........................................
        d) Nature of joint interest, if any..............................................
    (v) Means by which the minor minerals is/are to be raised, i.e. whether manual or mechanical......................
    (vi) Manner in which the minor mineral raised to be utilized-
        (a) For manufacture.........................
        (b) For sale....................................
        (c) Any other purpose.......................
    (vii) Details of the plan boundary description and land schedule of the area applied for to be enclosed.

Scanned by CamScanner

(viii) Has the applicant any previous experience in quarrying/mining? If yes, details should be given.................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.

Scanned by CamScanner